# ରଥଯାତ୍ରା - ୨୦୧୯



## ମାନ୍ୟବର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ରଥଯାତ୍ରା ୨୦୧୯ର ଦ୍ୱିତୀୟ ସମନ୍ୱୟ କମିଟି ବୈଠକର ବିବରଣୀ

ସ୍ଥାନ : ସମ୍ମେଳନ କକ୍ଷ, ନୀଳାଦ୍ରୀ ଭକ୍ତ ନିବାସ, ପୁରୀ

ତାରିଖ : ୨୯ ମେ, ୨୦୧୯ ମସିହା

ସମୟ : ଅପରାହ୍ଣ ଘ୦୪.୦୦ଟିକା

## ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
## ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ।।

**ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୧୯ ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ୨ୟ ସମନ୍ୱୟ କମିଟି ବୈଠକର ବିବରଣୀ।**

**ସ୍ଥାନ :** ସମ୍ମେଳନ କକ୍ଷ, ନୀଳାଦ୍ରୀ ଭକ୍ତ ନିବାସ, ପୁରୀ

**ତାରିଖ :** ତା ୨୯.୦୫.୨୦୧୯ ରିଖ

**ସମୟ :** ଅପରାହ୍ଣ ୦୪ ଘଟିକା

****************************************************************************

ଚଳିତବର୍ଷ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ତା୦୪.୦୭.୨୦୧୯ରିଖରୁ ପୁରୀଠାରେ ଅନୁଷ୍ଠିତ ହେଉଅଛି । ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ଏହି ସମୟ ମଧ୍ୟରେ ଦେଶ ବିଦେଶରୁ ପ୍ରାୟ ୨୦-୩୦ ଲକ୍ଷ ଦର୍ଶନାର୍ଥୀ ପୁରୀରେ ସମାଗମକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କ ନିମନ୍ତେ ବିଭିନ୍ନ ବ୍ୟବସ୍ଥା ଉପରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଅଛି । ଏହି ବୈଠକରେ ମାନ୍ୟବର ବିଧାୟକ, ପୁରୀ ଜିଲ୍ଲାପାଳ, ଆଇ.ଜି., ଆରକ୍ଷୀ ଅଧିକ୍ଷକ, ସଭାପତି, ଜିଲ୍ଲାପରିଷଦ, ପୁରୀ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ, ସେବାୟତ ନିଯୋଗ, ଗଣମାଧ୍ୟମ ପ୍ରତିନିଧି, ପୁରୀ ସହରର ବିଶିଷ୍ଟ ନାଗରିକବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପସ୍ଥିତ ସଭ୍ୟମାନଙ୍କର ତାଲିକା ପରିଶିଷ୍ଟ 'କ'ରେ ଦର୍ଶାଯାଇଛି । ବୈଠକରେ ମାନ୍ୟବର ରାଜସ୍ୱ ଆୟୁକ୍ତ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ସେବା ପୂଜାରେ ସମର୍ପଣ ମନୋଭାବାପନ୍ନ ହୋଇ ଘୋଷଯାତ୍ରାକୁ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ । ବାତ୍ୟା ''ଫନି''ର ପରବର୍ତ୍ତୀ କାର୍ଯ୍ୟ ସମୟରେ ବିଦ୍ୟୁତ୍ ବିଭାଗର କର୍ମଚାରୀ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରିଥିଲେ । ସେଥିପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ଏବଂ ପ୍ରଥମ ବୈଠକର ଆଲୋଚନା ଦୃଷ୍ଟେ ବିଭିନ୍ନ ବିଭାଗକୁ ନ୍ୟସ୍ତ କରାଯାଇଥିବା କାର୍ଯ୍ୟ ସମ୍ବନ୍ଧେ ନିମ୍ନଲିଖିତ ମତେ ଆଲୋଚନା କରାଯାଇଥିଲା ।

**୧. ରଥକାଠ ଯୋଗାଣ :**

ରଥ ନିର୍ମାଣ ପାଇଁ ରଥ ସଂହିତା ଅନୁସାରେ ନୟାଗଡ଼ ବନଖଣ୍ଡ ଅଧିକାରୀ ୮୬୫ଖଣ୍ଡ ଓ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ୬୦ଖଣ୍ଡ ବଳହା ସହ ୨୭୪ ଖଣ୍ଡ କାଠ ଯୋଗାଇଥାନ୍ତି । ଗତ ବର୍ଷ ରଥ ନିର୍ମାଣ ପାଇଁ ନୟାଗଡ଼ ବନଖଣ୍ଡ ଅଧିକାରୀ ଯୋଗାଇଥିବା କାଠରୁ ୧୯୫ଖଣ୍ଡ କାଠ ବଳକା ଅଛି । ଏହାକୁ ବାଦ୍ ଦେଇ ୬୭୦ଖଣ୍ଡ କାଠ ନୟାଗଡ଼ ଓ ବୌଦ୍ଧ ବନଖଣ୍ଡ ଅଧିକାରୀ ଶ୍ରୀମନ୍ଦିର ପ୍ରଶାସନକୁ ଯୋଗାଇଛନ୍ତି । ସେହିପରି ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଚଳିତ ବର୍ଷ ୬ଫୁଟ ଗୋଲେଇର ୧୦୦ଖଣ୍ଡ ମଇ, ସିମିଳି ଇତ୍ୟାଦି କାଠ ଓ ୨୦ଖଣ୍ଡ ବଳହା ଏପରି ମୋଟ ୧୨୦ଖଣ୍ଡ କାଠ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଇତି

ମଧ୍ୟରେ ଆବଶ୍ୟକ ସମସ୍ତ କାଠ କରତ କଳ ଓ ରଥଖଳାକୁ ଆସିଥିବା ଶ୍ରୀମନ୍ଦିର ପ୍ରଶାସକ ବୈଠକରେ ସୂଚନା ଦେଇଥିଲେ ।

ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଆବଶ୍ୟକ କଞ୍ଚା କାଠ ଆଗାମୀ ୭ଦିନ ମଧ୍ୟରେ ରଥଖଳାରେ ପହଞ୍ଚିବ ବୋଲି ବୈଠକରେ ପ୍ରତିଶୃତି ଦେଇଥିଲେ ।

*(କାର୍ଯ୍ୟାନୁଷ୍ଠାନ : ବନଖଣ୍ଡ ଅଧିକାରୀ, ନୟାଗଡ / ଖୋର୍ଦ୍ଧା/ ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ / ଓ.ଏଫ୍.ଡି.ସି.)*

**ଖ. ରଥ ନିର୍ମାଣ:**

ରଥନିର୍ମାଣ କାର୍ଯ୍ୟ ତା୦୭.୦୫.୨୦୧୯ରିଖ ଅକ୍ଷୟତୃତୀୟା ଦିନଠାରୁ ଆରମ୍ଭ ହୋଇଛି ଏବଂ ଯଥା ସମୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବୈଠକରେ ପ୍ରତିଶୃତି ଦିଆଯାଇଥିଲା ଏବଂ ରଥନିର୍ମାଣ କାର୍ଯ୍ୟ ତଦାରଖ ନିମିତ୍ତ ସଂପୃକ୍ତ ସେବକ, ସେବାୟତ, ବୈଷୟିକ ଓ ବନଖଣ୍ଡ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ବର୍ତ୍ତମାନ ସୁଧା ୩ଗୋଟି ରଥର ୨ଗୋଟି ଚକ ସମ୍ପୂର୍ଣ୍ଣ ନିର୍ମାଣ ହୋଇଛି ଏବଂ ଅଖ କାଠ ପ୍ରସ୍ତୁତ ହୋଇ ଦଣ୍ଡା ନିର୍ମାଣ କାର୍ଯ୍ୟ ଚାଲିଛି । ରଥଚକ ଯେପରି ସୁଦୃଢ଼ ହେବ, ସେଥିପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ବାହୀଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, ପୁରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରଥନିର୍ମାଣ ସମୟରେ ଯେଉଁ ତ୍ରୁଟି ପରିଲିଖିତ ହେଉଅଛି ତାହାର ତୁରନ୍ତ ଆଶୁ ମରାମତି କାର୍ଯ୍ୟ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା ।

**ଗ. ରଥକନା ସଂଗ୍ରହ :**

ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ୧୬୭୦ ମିଟର ବିଭିନ୍ନ ରଙ୍ଗର ରଥକନା ଆବଶ୍ୟକ ଅଟେ । ନାଲି ରଙ୍ଗ ୭୬୦ ମିଟର, ହଳଦିଆ ୩୬୬ ମିଟର, ନୀଳ ରଙ୍ଗ ୨୭୯ ମିଟର, କଳା ରଙ୍ଗ ୩୦୧ ମିଟର କନା ନମୂନା ଯୋଗାଇବା ପାଇଁ **M/S. G. Bhagat**, ଅହମ୍ମଦାବାଦଙ୍କୁ ଫର୍ମାସ ପ୍ରଦାନ କରାଯିବ ଏବଂ ସହକାରୀ ନିର୍ଦ୍ଦେଶକ ଟେକ୍ସଟାଇଲଙ୍କ କନାରମାନ ନିରୁପଣ କରିଛନ୍ତି । ଆସନ୍ତା ୮/୧୦ଦିନ ମଧ୍ୟରେ ଆବଶ୍ୟକ କଳା ପହଞ୍ଚିବ ବୋଲି ଶ୍ରୀମନ୍ଦିର ପ୍ରଶାସକ ସୂଚନା ଦେଇଥିଲେ ।

**ଘ. ରଥ ଦଉଡି :**

ଚଳିତବର୍ଷ ରଥଯାତ୍ରା ନିମନ୍ତେ ୧୨ଗୋଟି ରଥଟଣା ଦଉଡି, ୩ଗୋଟି ପୋଲିସ୍ କର୍ଡନ ଘେର ଦଉଡି ଓଡ଼ିଶା ସମବାୟ କତା ନିଗମ, ଭୁବନେଶ୍ୱରରୁ ଅଣାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସକ ବୈଠକରେ ସୂଚନା ଦେଇଥିଲେ । କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ରଥ ଦଉଡିକୁ ଉପଯୁକ୍ତ ଭାବେ ପରିପକ୍ୱ କରି ରଥଟଣା ନିମନ୍ତେ ପ୍ରସ୍ତୁତ ରଖିବାକୁ ଶ୍ରୀମନ୍ଦିର ପ୍ରଶାସକଙ୍କୁ ପରାମର୍ଶ ଦେଇଥିଲେ ।

ଶ୍ରୀଜୀଉମାନଙ୍କର ରଥଯାତ୍ରା ନିମନ୍ତେ ଆବଶ୍ୟକ ଚନ୍ଦନ କାଠ, ବାରଲାଗି ପାଟ, ବାସୁଙ୍ଗା ପାଟ, ଲାଗି ଲୁଗା, ଝୁଣା, ଚେହେଲି, କସ୍ତୁରୀ, ବନକଲାଗି, ବିଜେଡୋରୀ ଇତ୍ୟାଦି ସାମଗ୍ରୀ ମହଜୁଦ୍ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

*(କାର୍ଯ୍ୟାନୁଷ୍ଠାନ : ପ୍ରଶାସକ ଶ୍ରୀମନ୍ଦିର, ପୁରୀ)*

ଡ. ନୀତି ସମ୍ପାଦନ :

ଅକ୍ଷୟତୃତୀୟା ଠାରୁ ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରଥଯାତ୍ରାର ସବିଶେଷ ନୀତି ନିର୍ଘଣ୍ଟ କରାଯାଇଛି ଏବଂ ପରିଚାଳନା କମିଟିର ଅନୁମୋଦନ ପରେ ଏହା ପୁସ୍ତକ ଭାବେ ଛପାଯାଇ ନିଯୋଗମାନଙ୍କୁ ଯୋଗାଇ ଦିଆଯିବ । ରୁକ୍ମଣୀହରଣ ଏକାଦଶୀ ଠାରୁ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ପ୍ରସ୍ତୁତି ହୋଇଛି । ଏହା ନୀତି ସବ୍‌କମିଟିରେ ଉପସ୍ଥାପନ କରାଯାଇ ପରିଚାଳନା କମିଟିକୁ ସୁପାରିଶ କରାଯିବ । ସ୍ନାନ ପୂର୍ଣ୍ଣିମୀରେ ଭକ୍ତମାନେ ଯେଉଁଭଳି ଶ୍ରୀଜୀଉମାନଙ୍କ ଦର୍ଶନ ଭଲଭାବେ କରିପାରିବେ ତାହାର ମଧ୍ୟ ସୁବ୍ୟବସ୍ଥା କରାଯାଇଛି ବୋଲି ବୈଠକରେ ଶ୍ରୀମନ୍ଦିର ପ୍ରଶାସକ ସୂଚନା ଦେଇଥିଲେ ।

ଚ. ରଥଖଳା ପରିଷ୍କାର :

ରଥଖଳାକୁ ନିୟମିତ ଭାବେ ପରିଷ୍କାର ରଖିବା ପାଇଁ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥାକୁ ଯତ୍ନବାନ ହେବାକୁ ପରାମର୍ଶ ଦିଆଗଲା । ରଥଖଳାରେ ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟଦଳ, ଆମ୍ବୁଲାନ୍‌ସ, ବର୍ଷାଦଳ ନିଷ୍କାସନ, ସଫେଇ କର୍ମଚାରୀ ମୁତୟନ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଆଦି ଠିକ୍ ଭାବରେ କରାଯିବା ପାଇଁ ବୈଠକରେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

୨. ସ୍ୱାସ୍ଥ୍ୟ ସେବା:

ଚଳିତ ବର୍ଷ ଶ୍ରୀଜୀଉମାନଙ୍କର ରଥଯାତ୍ରା ସମୟରେ ଜନ ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିମ୍ନଲିଖିତ ବ୍ୟବସ୍ଥା ଗ୍ରହଣ କରାଯାଉଅଛି ।

* ପୁରୀ ସହରର ସମସ୍ତ ପାନୀୟ ଜଳ ଉତ୍ସଗୁଡିକର ବିଶୋଧନ କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯାଉଛି ଏବଂ ଜୁନ୍‌ମାସ ୧୫ତାରିଖ ୨୦୧୯ ସୁଦ୍ଧା ଏହା ଶେଷ ହେବ ।
* ୬ଜଣ ଖାଦ୍ୟ ନିରୀକ୍ଷକ ରଥଯାତ୍ରା ଉପଲକ୍ଷେ ନିୟୋଜିତ ରହି ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।
* ଗୋପବନ୍ଧୁ ମହାବିଦ୍ୟାଳୟରେ ଜଳନମୁନା ପରୀକ୍ଷାଗାର ତା୧୭.୦୬.୨୦୧୯ରିଖରୁ ତା ୧୪.୦୭.୨୦୧୯ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।
* ବଡ଼ଦାଣ୍ଡରେ ଏବଂ ପୁରୀ ସହରର ପାଶ୍ୱବର୍ତ୍ତୀ ଅଞ୍ଚଳରେ ମୋଟ ୩୧ ଗୋଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଛି ।
* ୩୦ ଗୋଟି ଆମ୍ବୁଲାନ୍‌ସ ବ୍ୟବସ୍ଥା ହୋଇଛି ଏହା ପୋଲିସ ସହାୟତା ଏବଂ ତଦାରଖରେ ଚଳପ୍ରଚଳ କରିବ ।
* ଚଳିତ ବର୍ଷ ରଥଯାତ୍ରା ନିମିତ୍ତ ପୁରୀ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଡାକ୍ତରଖାନାରେ ୬୧ ଗୋଟି ଅତିରିକ୍ତ ଶଯ୍ୟାର ବ୍ୟବସ୍ଥା କରାଯାଇଛି ।
* ୫୧ଜଣ ବିଶେଷଜ୍ଞ, ୧୩୬ ଜଣ ଡାକ୍ତର ଓ ୩୯୯ଜଣ ପାରା ମେଡିକାଲ ଷ୍ଟାଫ୍‌ଙ୍କୁ ରଥଯାତ୍ରା ସମୟରେ ମୁତୟନ କରାଯିବ ।
* ୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ମୁତୟନ କରାଯାଇ ସ୍ନାନପୂର୍ଣ୍ଣିମା, ରଥଯାତ୍ରା ଓ ବାହୁଡାଯାତ୍ରା ସମୟରେ ଖାଦ୍ୟ ଅପମିଶ୍ରଣ ତନଖି କରାଯିବାର ବ୍ୟବସ୍ଥା ହୋଇଛି । ସେମାନେ ତା୧୫.୦୬.୨୦୧୯ରୁ

ତା୧୮.୦୬.୧୯ ଏବଂ ୦୩.୦୭.୧୯ ରୁ ୧୪.୦୭.୧୯ ସଂଧ୍ୟା ପରେ ମଧ ଖାଦ୍ୟର ମାନ ଯାଞ୍ଚ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ ।

* ଓ.ଆର୍.ଏସ୍., ହ୍ୟାଲୋଜେନ, ବ୍ଲିଚିଙ୍ଗ ପାଉଡର ଇତ୍ୟାଦିର ବ୍ୟବସ୍ଥା କରାଯାଉଛି ।
* ୨୦୦ବୋତଲ ବିଭିନ୍ନ ଗ୍ରୁପ୍‌ର ରକ୍ତ ମହଜୁଦ୍ ରଖାଯିବ ।
* ପୁରୀ ସଂକ୍ରାମକ ରୋଗ ଚିକିତ୍ସାଳୟରେ ମଳ ନମୁନା ପରୀକ୍ଷାଗାର ତା୧୭.୦୬.୧୯ରିଖ ରୁ ତା୧୪.୦୭.୧୯ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।
* ସହରର ଜଳନମୁନା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ପୁରୀ ମିଳିତ ଭାବେ ପରୀକ୍ଷା କରି ଏ ସଂକ୍ରାନ୍ତରେ ଏକ ମିଳିତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ ।
* ଖାଦ୍ୟ ଯାଞ୍ଚ ନିମିତ୍ତ ମୋବାଇଲ କୋର୍ଟ ରାତି ୧୦ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଏବଂ ଏହା ତା ୧୫.୦୬.୨୦୧୯ ରିଖରୁ ତା ୧୪.୦୭.୧୯ରିଖ ପର୍ଯ୍ୟନ୍ତ କାର୍ଯ୍ୟକରିବା ପାଇଁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା ।
* ଖାଦ୍ୟସୁରକ୍ଷା, ପାନୀୟଜଳ, ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧେ ଡାକବାଜି ଯନ୍ତ, ଲିଫ୍ଲେଟ୍ ମାଧମରେ ଜନସାଧାରଣଙ୍କ ସଚେତନ ନିମନ୍ତେ ଅବଗତ କରିବେ ।
* ଚଳିତ ବର୍ଷ ୨ଗୋଟି Heat Stroke Centre କାଜୁ୍ୟଆଲିଟି କାର୍ଯ୍ୟ କରିବ ।
* ପୁରୀ ବଡ଼ ଡାକ୍ତରଖାନାରେ ରାତ୍ରି ସମୟରେ ମଧ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦେଇଥିଲେ ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅହର୍ନିଶି ଯୋଗାଇବା ପାଇଁ ସି.ଡି.ଏମ୍.ଓ. ବିହିତ ବ୍ୟବସ୍ଥା କରିବା ସହ ତଦାରଖ କରିବେ ।
* ଡାକ୍ତର ମାନଙ୍କର ରହଣୀ ବେବସ୍ଥା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ **IDH** ରେ ବ୍ୟବସ୍ଥା କରାଯାଉଛି ଏବଂ ପାରାମେଡ଼ିକାଲ ଷ୍ଟାଫମାନଙ୍କୁ ୪ଗୋଟି ସ୍କୁଲରେ ବ୍ୟବସ୍ଥା କରାଯାଉଅଛି ।
* ଡ଼ାକ୍ତରଖାନାର ସମସ୍ତ ଯନ୍ତ୍ରାଂଶ ଜୁନ ୧୫ତାରିଖ ସୁଧା ଠିକ୍ କରିବା ପାଇଁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ ।

*(କାର୍ଯ୍ୟାନୁଷ୍ଠାନ : ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ / ନିର୍ବାହୀ ଯନ୍ତ୍ରୀ/ ପୂର୍ତ୍ତ ବିଭାଗ/ଡ୍ରେନେଜ୍ ବିଭାଗ/ ଜନସ୍ୱାସ୍ଥ୍ୟ ବିଭାଗ, ପୁରୀ/ ଜିଲ୍ଲା ଶିକ୍ଷାଧିକାରୀ, ପୁରୀ)*

## ୩. ପାନୀୟ ଜଳ ଯୋଗାଣ :

ଚଳିତ ବର୍ଷ ରଥଯାତ୍ରା ସମୟରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୨୦-୩୦ ଲକ୍ଷ ଯାତ୍ରୀଙ୍କ ପାଇଁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଉଛି ।

ସହରର ବିଭିନ୍ନ ସ୍ଥାନରେ ୩୨ ଗୋଟି ଜଳପୂର୍ଣ୍ଣ ଟ୍ୟାଙ୍କର ଦ୍ୱାରା ରଥଯାତ୍ରା ସମୟରେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଜାରି ରହିବ । ସେଥିମଧ୍ୟରୁ ୧୮ ଗୋଟି ବଡଦାଣ୍ଡରେ ନିୟୋଜିତ କରାଯିବ । ଏହା

- ସମୁଦ୍ର କୂଳ ସ୍ୱର୍ଗଦ୍ୱାର ଅଞ୍ଚଳରେ ଅସ୍ୱାସ୍ଥ୍ୟକର ଆମିଷ ଖାଦ୍ୟ ବିକ୍ରି ଉପରେ ଖାଦ୍ୟ ନିରାପତ୍ତା ଅଧିକାରୀ ସଂସ୍ଥା ସମୟରେ ଯାଞ୍ଚକରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀଙ୍କୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ ।
- ସମୁଦ୍ର କୂଳରେ ସ୍ୱର୍ଗଦ୍ୱାର ଅଞ୍ଚଳରେ ଥିବା ବ୍ୟବସାୟୀ ଉଠା ଦୋକାନୀଙ୍କୁ ଉଚ୍ଛେଦ କରିବା ପାଇଁ ପୌର ସଂସ୍ଥା ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

*(କାର୍ଯ୍ୟାନୁଷ୍ଠାନ : ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ /*

*ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ /ଲଜିଂ ହାଉସ୍ ଫଣ୍ଡ, ପୁରୀ)*

## ୪. ବିଦ୍ୟୁତ୍ ଯୋଗାଣ :

କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ସେସୁ , ପୁରୀ ସହରକୁ  ନିରବଚ୍ଛିନ୍ନ ବିଦ୍ୟୁତ୍ ସ୍ନାନଯାତ୍ରାଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । ସେ ପ୍ରକାଶ କରିଥିଲେ ଯେ ପୁରୀ ଗ୍ରୀଡ୍, ସମଙ୍ଗରା ଓ ଷ୍ଟେସନ ଶାମୁକା ଗ୍ରୀଡ୍‌ରୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି । ବର୍ତ୍ତମାନ ପୁରୀ ସହରରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଇବାରେ କୌଣସି ସମସ୍ୟା ନାହିଁ । ରଥଯାତ୍ରା ସମୟେ କୌଣସି ମତେ ବିଦ୍ୟୁତ୍ କାଟ ହେବ ନାହିଁ ।

ରଥଟଣା ସମୟରେ ଜନସମାଗମକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ରଥର ସମ୍ମୁଖ ଓ ପଶ୍ଚାତ୍ ଭାଗରେ ଜେନରେଟର ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ ଜାରି ରଖାଯିବ । ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ସୁନାବେଶ ଓ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶ୍ରୀଜୀଉମାନଙ୍କ ରଥ ଗୁଡିକ ଆଲୋକିତ କରିବାର ବ୍ୟବସ୍ଥା କରାଯିବ । ୪ଗୋଟି **Volvo Generator Set,** ରଖାଯାଇ ବଡ଼ଦାଣ୍ଡ, ରଥ, ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆଲୋକିତ କରାଯିବ ।

- ପ୍ରାଥମିକ ସ୍ଥଳେ ତାଳବଣିଆ, ଶ୍ରୀରାମନଗର, କଚେରୀ ରୋଡ୍, ବଳିଆ ପଣ୍ଡା, ଅଠରନଳା ଓ ଚାରିନଳା ସବ୍‌ଷ୍ଟେସନ୍ ଗୁଡିକର ଆବଶ୍ୟକ ମରାମତି ରଥଯାତ୍ରା ପୂର୍ବରୁ ଶେଷ କରି ବିଦ୍ୟୁତ୍ ଆଲୋକ ଯୋଗାଣ ପାଇଁ ପ୍ରସ୍ତୁତ କରାଯିବ ।
- ୩ଗୋଟି ଡି.ଜି. ସେଟ୍ ଟ୍ରକ ଉପରେ ରଖାଯାଇ ତିନି ରଥ ପଛରେ ମୁତୟନ ରହି ଉଜ୍ଜ୍ୱଳ ଆଲୋକ ରଥଉପରକୁ ପ୍ରଦାନ କରିବେ ।
- ରଥଯାତ୍ରା ସମୟରେ ସମ୍ଭାବ୍ୟ ବିଦ୍ୟୁତ୍ କାଟକୁ ଦୃଷ୍ଟିରେ ରଖି ଫେଡ୍‌କୋ ଅଧିକାରୀ ଅଧିକ ମରାମତି ଦଳ ନିୟୋଜିତ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା ।
- ରଥଯାତ୍ରା ସମୟରେ କୌଣସି ଟ୍ରାନ୍ସଫର୍ମର ଅକାମି ହେଲେ ତାହାକୁ ତୁରନ୍ତ ପରିବର୍ତ୍ତନ କରିବା ପାଇଁ କ୍ରେନ୍‌ର ବ୍ୟବସ୍ଥା ହୋଇଛି ।
- ଫ୍ୟୁଜ୍ କଲ୍ ସେଣ୍ଟରର ନମ୍ବର ଗୁଡିକ ସ୍ଥାନୀୟ ଟି.ଭି. ଚ୍ୟାନେଲରେ ଦିଆଯିବ ।
- ସମସ୍ତ ଆନୁସଂଗିକ କାର୍ଯ୍ୟ ୧୦ଦିନ ମଧ୍ୟରେ ସମାପ୍ତ ହେବ ।

- ସହରର ବିଭିନ୍ନ ସାହିଗଳିମାନଙ୍କରେ ବାତ୍ୟା ଫନିଦ୍ୱାରା ପ୍ରଭାବିତ ହୋଇ ବିପଦଶଙ୍କୁଳ ଭାବେ ବିଦ୍ୟୁତ୍ ତାର ଖୁଂଟି ରହିଛି ଏହାକୁ ସେସୁ ଅଧିକାରୀ ତୁରନ୍ତ ପଦକ୍ଷେପ ନେଇ ଆଶୁ ସମାଧାନ କରିବେ ।
- ରଥଯାତ୍ରା ନିମନ୍ତେ ଏକ ପ୍ରିଭେଣ୍ଟିଭ ମେଣ୍ଟେନାନ୍ସ ପ୍ଲାନ୍ ନିର୍ବାହୀ ଯନ୍ତ୍ରୀ ସେସୁ ପ୍ରସ୍ତୁତ କରି ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରିବେ ।
- ରଥଯାତ୍ରା ସମୟରେ ଯେପରି ଭୋଲଟେଜ୍ ସମସ୍ୟା ନହୁଏ ଫେଡ୍‌କୋ ଅଧିକାରୀ ସେଥିପ୍ରତି ଯତ୍ନବାନ ହେବେ । ସଂପୃକ୍ତ କର୍ମକର୍ତ୍ତାମାନେ କର୍ମଠ ଓ କ୍ରିୟାଶୀଳ ହେବା ସହ ଆବଶ୍ୟକ ସାମଗ୍ରୀ ତୁରନ୍ତ ଯୋଗାଡ଼ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।
- ୪୦ଜଣ ଅଧିକାରୀ ଓ ୧୦୦ଜଣ କର୍ମଚାରୀ ମରାମତି କାର୍ଯ୍ୟ ପାଇଁ ମୁତୟନ ରହିବେ ।
- ୧୭୨ଗୋଟି **High mast Light** କୁ ତନଖି କରି ରଥଯାତ୍ରା ସମୟରେ କ୍ରିୟାଶିଳ କରାଯିବ ।
- ତାଳବଣିଆ ରାସ୍ତାକୁ ଆଲୋକିତ କରିବା ପାଇଁ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା ବିହିତ ପଦକ୍ଷେପ ଗ୍ରହଣ କରିବେ ।

*(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଅଧିକାରୀ,*
*ପୁରୀ ପୌରସଂସ୍ଥା, ପୁରୀ /ଡି.ଜି.ଏମ୍, ସେସୁ)*

**୫. ପରିବହନ ବ୍ୟବସ୍ଥା :**

ଶ୍ରୀ ଶ୍ରୀ ଜିଉମାନଙ୍କର ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଦେଖିବା ଲାଗି ଲକ୍ଷାଧିକ ଯାତ୍ରୀଙ୍କ ଆଗମନ ଦୃଷ୍ଟିରୁ ସେମାନଙ୍କୁ ବସ୍ ସୁବିଧା ଯୋଗାଇ ଦେବା, ଭଡା ବୃଦ୍ଧିକୁ ରୋକିବା ଓ ଅତ୍ୟଧିକ ଯାତ୍ରୀ ପରିବହନକୁ ନିୟନ୍ତ୍ରଣ ନିମନ୍ତେ ପରିବହନ ଅଧିକାରୀ, ପୁରୀ ଓ ଭୁବନେଶ୍ୱର ବିହିତ ପଦକ୍ଷେପ ଗ୍ରହଣ କରିବେ ।

* ଅଧିକ ଯାତ୍ରୀ ପରିବହନ ନିମନ୍ତେ ଅଧିକ ସଂଖ୍ୟକ ବସ୍ ଚଳାଚଳର ବ୍ୟବସ୍ଥା କରାଯିବ । ଏଥିପାଇଁ କଟକ ଭୁବନେଶ୍ୱର-ପୁରୀ ମଧ୍ୟରେ ସ୍ୱତନ୍ତ୍ର ବସ ଚଳାଚଳର ଅନୁମତି ଦିଆଯିବାକୁ ରାଜ୍ୟ ପରିବହନ ଆୟୁକ୍ତଙ୍କୁ ଅନୁରୋଧ କରାଗଲା ।
* ସମ୍ଭାବ୍ୟ ଦୁର୍ଘଟଣାଜନିତ ଅସୁବିଧାର ମୁକାବିଲା ପାଇଁ ୪ଗୋଟି ଇଂଟରସେପ୍ଟର ଓ ୪ ଗୋଟି କ୍ରେନ୍ ରଥଯାତ୍ରା ନିମନ୍ତେ ମହଜୁଦ୍ ରଖିବା ବ୍ୟବସ୍ଥା କରାଯିବ । ସ୍ନାନପୂର୍ଣ୍ଣିମା ଦିନ ୨ଗୋଟି କ୍ରେନ୍ ନ୍ୟାସନାଲ ହାଇୱେରେ ମହଜୁଦ୍ ରହିବ ।
* ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ତାଳବଣିଆରେ ସୂଚନା ସେବାର ବ୍ୟବସ୍ଥା କରାଯିବ ।
* ଯାନଗୁଡିକର ଗତି ନିୟନ୍ତ୍ରଣ ପାଇଁ ନିୟନ୍ତ୍ରଣ କକ୍ଷ ଓ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ବ୍ୟବସ୍ଥା କରାଯିବ ।
* ତାଳବଣିଆ ଓ ମାଳତୀପାଟପୁର ବସଷ୍ଟାଣ୍ଡରେ ଦିବାରାତ୍ରି ଆବଶ୍ୟକ ସଂଖ୍ୟକ କର୍ମଚାରୀ ମୁତୟନ କରାଯିବ ।

* ରଥଯାତ୍ରା ସମୟରେ ଅଟୋରିକ୍ସା ଗୁଡିକ କେତେ ବାଟ ଯିବେ ତାହାର ସୀମା ନିର୍ଦ୍ଧାରଣ ନିମିତ୍ତ ଅଟୋଚାଳକ ସଂଘ ସହ ଏକ ବୈଠକ ଆରକ୍ଷୀ ଅଧିକ୍ଷକ, ପୁରୀଙ୍କ ଅଧକ୍ଷତାରେ କରାଯିବ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ସମସ୍ତ ଅଟୋରିକ୍ସାର ତାଲିକା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିବେ ।
* ପ୍ରତି ବସ୍‌ରେ ଯେପରି ପ୍ରାଥମିକ ଚିକିତ୍ସା ଏବଂ ପାନୀୟଜଳ ଉପଲବ୍ଧ ହେବ ତାହାର ବ୍ୟବସ୍ଥା କରାଯିବ ।
* ଟାଉନ୍ ବସ୍ ଗୁଡ଼ିକର ରହଣୀ ସ୍ଥାନ ଗୁଡ଼ିକରେ ସୂଚନାଫଳକ ଲଗାଯିବା ବ୍ୟବସ୍ଥା କରାଯାଉଛି ।
* ବିଗତ ବର୍ଷମାନଙ୍କରେ ଗାଡି ପାର୍କିଂ ଗାଡି ଚଳାଚଳକୁ ନେଇ ବିଭିନ୍ନ ବସ୍‌ମାଲିକ ସଂଘମଧରେ ଦ୍ୱନ୍ଦ ଉପୁଜି ଅପ୍ରିତିକର ପରିସ୍ଥିତି ହୁଏ । ଚଳିତ ବର୍ଷ ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ / ଭୁବନେଶ୍ୱର / କଟକ ବସ୍ ମାଲିକ ସଂଘମାନଙ୍କ ସହ ଆଲୋଚନା କରି ଏହାର ଆଶୁ ସମାଧାନ କରିବାକୁ କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ପରାମର୍ଶ ଦେଇଥିଲେ ।
* ପୁରୀ ସହରରେ ଅଧିକ ଅଟୋ ଚଳାଚଳ କରୁଛି ତନ୍ମଧ୍ୟରୁ କେତେକ ବିନା ଲାଇସେନ୍‌ସ, ଫିଟ୍‌ନେସ୍ ଇତ୍ୟାଦି ନଥିବା ବୈଠକରେ ଆଲୋଚନା ହୋଇଥିଲା । ଏ ଗୁଡିକ ଉପରେ ରୋକ ଲଗାଇବା ପାଇଁ ପର୍ଯ୍ୟାପ୍ତ ଚଢ଼ାଉ ଜାରି ରଖିବାକୁ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା ।
* ପ୍ରମୁଖ ସ୍ଥାନ ମାନଙ୍କରେ ଅଟୋ ରିକ୍ସା ଚଳାଚଳ ଉପରେ ରେଟ୍ ଚାର୍ଟ ଲଗାଯିବ ।
* ୨୦ଗୋଟି E- Auto,Riksa ଗଦାଧର ହାଇସ୍କୁଲଠାରେ ରହି ଉଚ୍ଚପଦାଧିକାରୀଙ୍କ ଯାତାୟତ ନିମନ୍ତେ ମୁତୟନ କରାଯିବ ।

*(କାର୍ଯ୍ୟାନୁଷ୍ଠାନ : ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ/ ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ)*

## ୬. ରେଳପଥରେ ପରିବହନ ବ୍ୟବସ୍ଥା :

ପୂର୍ବବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଅଧିକ ଯାତ୍ରୀ ପରିବହନକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଅତିରିକ୍ତ ରେଳଗାଡିର ବ୍ୟବସ୍ଥା କରିବେ । ଷ୍ଟେସନ୍ ମାନଙ୍କରେ ପରିମଳ, ଉଜ୍ଜ୍ୱଳ ଆଲୋକ, ପାନୀୟ ଜଳ, ପାଇଖାନା ଓ ପରିଶ୍ରାଗାର ଆଦିର ବ୍ୟବସ୍ଥା କରିବେ । ରେଳଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ଆରକ୍ଷୀ ବାହିନୀ ମୁତୟନ କରିବେ । ଯାତ୍ରୀମାନଙ୍କୁ ଅଯଥା ଲୁଟ୍‌ତରାଜରୁ ରକ୍ଷା ଓ ସଚେତନ ନିମନ୍ତେ ପ୍ରତ୍ୟେକ ଷ୍ଟେସନରେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭଷାରେ ସୂଚନା ଦେବାର ବ୍ୟବସ୍ଥା କରାଯିବ । ରଥଟଣା ଓ ରଥ ଅବସ୍ଥାନ ପରେ ମୋଡ଼ ନିମନ୍ତେ ରେଲୱେ ଜ୍ୟାକ୍ ସହ ଅଭିଜ୍ଞ କର୍ମଚାରୀଙ୍କୁ ନିୟୋଜିତ କରିବେ । ରେଳ ଚଳାଚଳ ସମୟସୂଚୀ ପ୍ରତ୍ୟେକ ରେଳ ଷ୍ଟେସନ୍‌ରେ, ସିଂହଦ୍ୱାର ନିକଟରେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ଲଗାଇବା ବ୍ୟବସ୍ଥା କରିବେ ।

* ରଥଯାତ୍ରାପରେ ପ୍ରିପେଡ୍ ଅଟୋଷ୍ଟାଣ୍ଡ କାର୍ଯ୍ୟକାରୀ ପାଇଁ ଆରକ୍ଷୀ ମହାନିରୀକ୍ଷକ ପ୍ରତିଶ୍ରୁତି ଦେଇଥିଲେ ।
* ରଥଯାତ୍ରା ନିମିତ୍ତ ଜିଲ୍ଲାପ୍ରଶାସନର ପ୍ରସ୍ତାବ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ ଯଦ୍ୱାରାକି ସମ୍ଭାବ୍ୟ ଅସୁବିଧାର ମୁକାବିଲା ହୋଇ ପାରିବ ।

- ଚଳିତ ରଥଯାତ୍ରା ସମୟରେ ୧୮୬ ଗୋଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା ହୋଇଛି ।
- ମାଳତୀପାଟପୁର ରେଳଷ୍ଟେସନ ସହ ପୁରୀ ରେଳଷ୍ଟେସନରେ ମୋଟ୍ ୩୮ ଗୋଟି ଅତିରିକ୍ତ କାଉଣ୍ଟର ଖୋଲାଯିବା ସହ ଅନ୍ୟାନ୍ୟ ପ୍ରମୁଖ ରେଳଷ୍ଟେସନ ଗୁଡ଼ିକରେ ୨୪ଗୋଟି ଅତିରିକ୍ତ ଟିକେଟ କାଉଣ୍ଟର ଖୋଲାଯିବାର ବ୍ୟବସ୍ଥା କରାଯାଇଛି ।
- ବିଭିନ୍ନ ରେଳଷ୍ଟେସନରେ ୪୦ ଗୋଟି ଅଟୋମେଟିକ ଟିକେଟ ଭେଣ୍ଡିଂ ମେସିନ୍‌ର ବ୍ୟବସ୍ଥା କରାଯାଇଛି ।
- ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ୩ଦିନ ପୂର୍ବରୁ ଅଗ୍ରିମ ଯିବା ଆସିବା ଟିକେଟ୍ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହେଉଅଛି ।
- ପୁରୀ ରେଳ ଷ୍ଟେସନ୍‌ରେ ଅତିରିକ୍ତ ୫ଗୋଟି ଇନକ୍ୱାରୀ କାଉଣ୍ଟର ଓ ୪ଗୋଟି 'ମେ ଆଇ ହେଲପ୍ ୟୁ' କାଉଣ୍ଟର ଖୋଲାଯିବ । ରେଳ ଷ୍ଟେସନ୍‌ରେ ଫୁଡ୍ ଷ୍ଟଲ ଖୋଲାଯିବ ।
- ମେଳା ସେଡ୍‌ରେ ଯାତ୍ରୀମାନଙ୍କ ରହଣୀ ନିମିତ୍ତ ଆବଶ୍ୟକ ସୁବିଧା ଉପଲବ୍ଧ ଅଛି ଏବଂ ଅତିରିକ୍ତ ୫୦ଗୋଟି ପାଇଖାନାର ବ୍ୟବସ୍ଥା କରାଯିବ ।
- ପୁରୀ ରେଳଷ୍ଟେସନ୍‌ରେ ଡାକ୍ତର, ନର୍ସ, ଆମ୍ବୁଲାନ୍ସ ମୁତୟନର ବ୍ୟବସ୍ଥା କରାଯାଉଛି ।
- ଜଗୁଆଳୀ ବିହୀନ ଲେବୁଲ୍ କ୍ରସିଂ ଠାରେ ଜଗୁଆଳି ମୁତୟନ ନିମନ୍ତେ ରେଳବାଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଗଲା ।
- ପ୍ରତିବର୍ଷ ରଥଯାତ୍ରାକୁ ଦୃଷ୍ଟିରେ ରଖି ଆବଶ୍ୟକ ଜ୍ୟାକ୍ ଓ କର୍ମଚାରୀ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ।
- ରେଳ ଷ୍ଟେସନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ତଥା ଶାନ୍ତି ଶୃଙ୍ଖଳା ରକ୍ଷା ଇତ୍ୟାଦି ଲାଗି ଆଇ.ପି.ଏଫ୍., ଜି.ଆଇ.ପି, ସିଭିଲ୍ ଡିଫେନ୍ସ ବ୍ୟାଗେଜ ସ୍କାନର ଇତ୍ୟାଦି ମୁତୟନ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।
- ରେଳ ଷ୍ଟେସନରେ ଯେପରି ପାନୀୟ ଜଳ ଏବଂ ଆବଶ୍ୟକୀୟ ସେବା ଯୋଗାଇବାରେ ବ୍ୟାଘାତ / ବାଧା ନହୁଏ ସେଥିପ୍ରତି ୨୪ଘଣ୍ଟିଆ ଜେନେରେଟର ବ୍ୟବସ୍ଥା କରାଯିବ ।

*(କାର୍ଯ୍ୟାନୁଷ୍ଠାନ : ଡିଭିଜନାଲ୍ ରେଳୱେ ମ୍ୟାନେଜର, ଖୋର୍ଦ୍ଧାରୋଡ଼ / ଆରକ୍ଷୀ ଅଧୀକ୍ଷକ, ପୁରୀ / ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ/ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ)*

## ୭. ରାସ୍ତାଘାଟ ମରାମତି :

ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ମଙ୍ଗଳାଘାଟ ଠାରୁ ଷ୍ଟରଲିନ୍ ପର୍ଯ୍ୟନ୍ତ ରାସ୍ତାର ବାମପାଖ କାର୍ଯ୍ୟ ଚାଲିଛି ଏବଂ ଏହା ଜୁନ୍ ୨୫ତାରିଖ ସୁଧା ଶେଷ କରାଯିବ ଏବଂ ବୀରହରେକୃଷ୍ଣପୁର- ମଙ୍ଗଳାଘାଟ ରାସ୍ତାକାର୍ଯ୍ୟ ଶେଷ ହୋଇଛି । ଏହା ମଧ୍ୟରେ ଥିବା ସୁଜାତା ନଗର ପାଖ **Minor bridge**ଟିର ଗୋଟିଏ ପାଖର କାର୍ଯ୍ୟ ଆସନ୍ତା ଜୁନ୍ ଶେଷ ସୁଦ୍ଧା ସରିବ । ପିପିଲି ରାସ୍ତାର ସମତୁଲ କାର୍ଯ୍ୟ ଏବଂ ବୀର ହରେକୃଷ୍ଣପୁର ଛକ ରାସ୍ତାକୁ ଜୁନ୍ ୭ତାରିଖ ସୁଧା ସମତୁଲ କାର୍ଯ୍ୟ ଏବଂ ବୀର ହରେକୃଷ୍ଣପୁର ଛକ ରାସ୍ତାକୁ ଜୁନ୍ ୭ତାରିଖ ସୁଧା ସମତୁଲ କରିବେ ବୋଲି **P.D. NHAI** ପ୍ରତିଶ୍ରୁତି ଦେଇଥିଲେ । ଏତଦ୍‌ବ୍ୟତୀତ

ପୁରୀ ମ୍ୟୁନିସିପାଲଟି, ଜାତୀୟ ରାଜପଥ ଓ ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିଜ ନିଜ ରାସ୍ତା ଗୁଡ଼ିକୁ ଯାଞ୍ଚ କରିବେ ଏବଂ ଆବଶ୍ୟକ ସ୍ଥଳେ ମରାମତି କରି ସଡ଼କପଥକୁ ସୁଗମ କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ । ପୁରୀ ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଗୁଡ଼ିକ ଯଥା ବାଟଗାଁ ଠାରୁ ମେଡିକାଲ ଛକ, ବୀରହରେକୃଷ୍ଣପୁର ଠାରୁ ବାଲିଘାଟ, ଗ୍ରୀଡକୋ ଛକରୁ ତାଳବଣିଆ ବସଷ୍ଟାଣ୍ଡ, ପି.କେ.ଡି.ଏ. ଛକଠାରୁ ଆଚାର୍ଯ୍ୟ ହରିହର ଚକ, ମେଡିକାଲ ଛକଠାରୁ ସୁବାଷବୋଷ ଛକ, ଆଚାର୍ଯ୍ୟ ହରିହର ଛକଠାରୁ ହୋଟେଲ ଷ୍ଟାର୍ଲିଙ୍ଗ, ରାମମନ୍ଦିର ଠାରୁ ହେଲିପ୍ୟାଡ଼ ଛକ ଭାୟା ପି.ଏଚ.ଡ଼ି ଅଫିସ, ବିଧବା ଆଶ୍ରମ ହରିଜନ ସାହି ରାସ୍ତା ବାପୁଜି କ୍ଲବଠାରୁ ରେଣୁକା ପର୍ଯ୍ୟନ୍ତ ଆବଶ୍ୟକୀୟ ମରାମତି କାର୍ଯ୍ୟ କରିବେ । ଉକ୍ତ କାର୍ଯ୍ୟ ଜୁନ୍ ୧୫ତାରିଖ ସୁଧା ଶେଷ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଗଲା । ରାସ୍ତାକୁ ପୂର୍ତ୍ତବିଭାଗ ଯୁଦ୍ଧ କାଳିନ ଭିତ୍ତିରେ ଶେଷ କରିବା ପାଇଁ ପରାମର୍ଶ ଦିଆଗଲା ।

ଜାତୀୟ ରାଜପଥରୁ ମୃତ ପଶୁ ଯଥା କୁକୁର ଇତ୍ୟାଦିଙ୍କୁ ତୁରନ୍ତ ଅପସାରଣ ଏବଂ **NHAI** ର ଏକ ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ କରିବାକୁ ବୈଠକରେ **P.D. NHAI** ଙ୍କୁ ପରାମର୍ଶ ଦିଆଗଲା ।

* ଆରକ୍ଷୀ ଅଧିକ୍ଷକ ଗାଡିଗୁଡିକର ପାର୍କିଂ ଯାଗା ସମ୍ବନ୍ଧେ ତଥ୍ୟ ପ୍ରଦାନ କରିବେ । ତତ୍‌ପରେ ତଦନୁଯାୟୀ ପାର୍କିଂସ୍ଥାନ ଗୁଡିକର ଉନ୍ନତିକରଣ କାର୍ଯ୍ୟ **R & B** ଓ ପୌରସଂସ୍ଥା ଦ୍ୱାରା କରାଯିବ ।
* ଭୁଦାନ-ଆଇ.ଟି.ଆଇ ଛକ ରାସ୍ତାରେ ରଥଯାତ୍ରା/ ବାହୁଡ଼ା/ ସୁନାବେଶ ଦିନ ଚାଲିଚାଲି ଯାଉଥିବା ଯାତ୍ରୀ ଓ ଫେରନ୍ତ ଗାଡ଼ି ମୋଟର ଯାନର ପ୍ରବଳ ଭିଡ଼ ଜମୁଥିବାରୁ ଏହି ରାସ୍ତାର ତୁରନ୍ତ ଉନ୍ନତିକରଣ ଅଗ୍ରାଧିକାର ଭିତ୍ତିରେ କରିବାକୁ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦିଆଗଲା ।
* ପିପିଲି ଓଭରବ୍ରିଜ୍ ତଳେ ହୋଇଥିବା ଖାଲଖମା ଗୁଡିକୁ ତୁରନ୍ତ ମରାମତି କରାଯିବ ।
* ବୀରହରେକୃଷ୍ଣପୁର ଛକ ରାସ୍ତାକୁ ତୁରନ୍ତ ମରାମତି କରିବାକୁ କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ **NHAI** କର୍ତ୍ତୁପକ୍ଷଙ୍କୁ ପରାମର୍ଶ ଦେଇଥିଲେ ।
* ମଙ୍ଗଳାଘାଟ- ଷ୍ଟରଲିଂ ରାସ୍ତାକୁ ସାମୟିକ ଭାବେ ମରାମତି କରି ଯାତାୟତର ସୁବିଧାକରିବେ ।

*(କାର୍ଯ୍ୟାନୁଷ୍ଠାନ:* **P.D. NHAI, BBSR**, *ନିର୍ବାହୀ ଯନ୍ତ୍ରୀ,*
*ଜାତୀୟ ରାଜପଥ, ଭୁବନେଶ୍ୱର, ନିର୍ବାହୀ ଅଧିକାରୀ,*
*ପୁରୀ ପୌରସଂସ୍ଥା ଗୃହ ଓ ପୂର୍ତ୍ତବିଭାଗ)*

## ୮. ପାର୍କିଂ ବ୍ୟବସ୍ଥା

ରଥଯାତ୍ରା ସମୟରେ ଅଧିକ ଯାତ୍ରୀବାହି ୨ଚକିଆ, ୪ଚକିଆ ଯାନର ଆଗମନକୁ ଦୃଷ୍ଟିରେ ରଖି ଗାଡି ଗୁଡିକର ପାର୍କିଂ ନିମନ୍ତେ ବିହିତ ବ୍ୟବସ୍ଥା ଏବଂ ସୁଗତିଶୀଳତା ଯୋଜନା ପ୍ରସ୍ତୁତ କରିବା ପାଇଁ ଆରକ୍ଷୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ, ପୌରସଂସ୍ଥାଙ୍କୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ପରାମର୍ଶ ଦେଇଥିଲେ । ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ଭାରିଯାନ ଗୁଡିକର ପାକିଂ ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ କରାଯିବ । ପାର୍କିଂ ଯାଗା ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟ ପୌରସଂସ୍ଥା ଅଧିକାରୀ କରିବେ । ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ପୁରୀ ବସଷ୍ଟାଣ୍ଡ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ କରାଯିବ । ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ପାଇଖାନାଗାର ଓ ପାନୀୟ ଜଳର ବ୍ୟବସ୍ଥା କରିବାକୁ ମାନ୍ୟବର ରାଜସ୍ୱମନ୍ତ୍ରୀ, ପୌରସଂସ୍ଥା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

(କାର୍ଯ୍ୟନୁଷ୍ଠାନ ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ)

୯. ପରିମଳ ବ୍ୟବସ୍ଥା :

ପୌରସଂସ୍ଥା:-

ଚଳିତ ବର୍ଷ ରଥଯାତ୍ରାରେ ଲକ୍ଷାଧିକ ଭକ୍ତ/ଯାତ୍ରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ସହରର ପରିମଳ ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ନିର୍ବାହୀ ଅଧିକାରୀ, ପୁରୀ ପୌର ପରିଷଦ ଅତ୍ୟଧିକ ଯତ୍ନବାନ ହେବା ପାଇଁ ବୈଠକରେ ରାଜସ୍ୱ ଆୟୁକ୍ତ କଟକ ପରାମର୍ଶ ଦେଇଥିଲେ ।

* ବର୍ତ୍ତମାନ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦାରଖ କମିଟି ଗଠନ କରାଯାଇ ପୁରୀ ସହରର ସମସ୍ତ ଛୋଟ ବଡ଼ ନାଳ ସଫେଇ କାର୍ଯ୍ୟ ଚାଲୁରହିଛି ଏବଂ ଏହା ଯଥାଶୀଘ୍ର ସରିବ ବୋଲି ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା ପ୍ରକାଶ କରିଥିଲେ ।

* ବଡଦାଣ୍ଡର ଉଭୟ ପାର୍ଶ୍ୱ ନାଳ, ବଡ଼ଶଙ୍ଖ, ରେଡ୍‌କ୍ରସ ରୋଡ୍ ଠାରୁ ବାଙ୍କିମୁହାଣ ମୁଖ୍ୟ ନାଳ ଗୁଡ଼ିକ ସଫା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜାଲିଗୁଡିକ ନିୟମିତ ଭାବରେ ସଫା କରାଯିବ । ତା' ପାଇଁ ଆବଶ୍ୟକ ସ୍ଥଳେ କର୍ମଚାରୀ ମୁତୟନ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା ।

* ପୁରୀ ବଡ଼ଦାଣ୍ଡରେ ୧୩ ଗୋଟି ଜାଗାରେ ବର୍ଷାଜଳ ଜମୁଥିବାକୁ ଏହାକୁ ଦୃଷ୍ଟିରେ ରଖି ଅଧିକ ପମ୍ପ ସେଟ୍ ସର୍ବଦା ମୁତୟନ ରହିବ । ପମ୍ପସେଟ୍ ରହୁଥିବା ସମସ୍ତ ସ୍ଥାନରେ କର୍ମଚାରୀ ମୁତୟନ କରାଯିବ ।

* ପୁରୀ ସହର ତଥା ବଡ଼ଦାଣ୍ଡ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଇତ୍ୟାଦି ସ୍ଥାନକୁ ଦୈନିକ ସଫା ସୁତରା ରଖିବା ନିମନ୍ତେ ଅଧିକ କର୍ମଚାରୀ ମୁତୟନ ବ୍ୟବସ୍ଥା କରିବାକୁ ବୈଠକରେ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥାଙ୍କୁ ପରାମର୍ଶ ଦିଆଗଲା ।

* ନାଳ ଉପରେ ଥିବା କେତେକ ଜବରଦଖଲକୁ ଉଚ୍ଛେଦ କରି ନାଳ ସଫା କରାଯିବ ଏବଂ ଆବଶ୍ୟକ ଜାଗାରେ ସ୍ଲାବ୍ ପକାଇବା ପାଇଁ ନିର୍ବାହୀ ଅଧିକାରୀ, ପୌରସଂସ୍ଥା ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଗଲା । ଯେଉଁ ଅଞ୍ଚଳ ଅବରୋଧ ମୁକ୍ତ କରାଯାଉଛି ତାହା ଯେପରି ପୁନର୍ବାର ଅବରୋଧ ନହୁଏ ଓ ଏଥିରେ କୌଣସି ତ୍ରୁଟିବିଚ୍ୟୁତି ନହୁଏ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ଆୟୁକ୍ତ, କଟକ ପରାମର୍ଶ ଦେଇଥିଲେ ।

* ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ଉଠାଦୋକାନୀ ଏବଂ ବଡ଼ ଦାଣ୍ଡ ଉଭୟ ପାର୍ଶ୍ୱନାଳ ଉପରେ ଥିବା ଉଠାଦୋକାନିଙ୍କୁ ଅପସାରଣ କରାଯିବ । ଏହାର ଅଗ୍ରଗତି ସମ୍ପର୍କରେ ପରବର୍ତ୍ତୀ ବୈଠକରେ ଆଲୋଚନା କରାଯିବ ।

* ପୁରୀ ସହରର ସାହି ଗଳି ରାସ୍ତାଗୁଡ଼ିକ ପ୍ରତ୍ୟେହ ସଫା କରିବା ପାଇଁ ୬୬୭ ଜଣ ସଫେଇ କର୍ମଚାରୀ ମୁତୟନ କରାଯାଇଛି

* ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ତଥା ସମୁଦ୍ରକୂଳ ଜାଗାକୁ ଜାଗୃତି ସଂସ୍ଥା ଯେପରି ଭଲ ଭାବରେ ପରିଷ୍କାର ରଖିବେ ତାହା ନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେବାକୁ ବୈଠକରେ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ ।

* ପୁରୀ ସହରରେ ଥିବା ୫ଗୋଟି ତୀର୍ଥ ପୁଷ୍କରିଣୀକୁ ସଫା କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା । ଉକ୍ତକାର୍ଯ୍ୟ ଚନ୍ଦନଯାତ୍ରା ପୂର୍ବରୁ ଶେଷ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।
* ୨୬୫ ଗୋଟି ଅସ୍ଥାୟୀ ପାଇଖାନା ଗାର ରଥଯାତ୍ରା ନିମନ୍ତେ ବ୍ୟବସ୍ଥା ହୋଇଛି । ଏହାର ପ୍ରତ୍ୟେହ ପରିଷ୍କାର କାର୍ଯ୍ୟ ନିମିତ୍ତ ଆବଶ୍ୟକ ସଫେଇ କର୍ମଚାରୀ ମୁତୟନ କରାଯିବ ।
* ୩୦୦ ଗୋଟି **Modular Toilet** ବଡ଼ଦାଣ୍ଡରେ ସ୍ଥାପନ କରାଯିବ ।
* ବଡଦାଣ୍ଡରୁ ଉଠାଦୋକାନୀମାନଙ୍କୁ ତା ୧୭.୦୬.୨୦୧୯ରିଖ ପୂର୍ବରୁ ଅପସାରଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।
* ଅସ୍ଥାୟୀ ପାଇଖାନାର ବ୍ୟବସ୍ଥା ପୌରସଂସ୍ଥା, ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ କରିବାକୁ ବୈଠକରେ ପରାମର୍ଶ ଦିଆଗଲା ।
* ବଡ଼ଦାଣ୍ଡରୁ ଗାଈଗୋରୁମାନଙ୍କୁ ତା୧୫.୦୬.୨୦୧୯ରିଖ ସୁଧା ଅପସାରଣ କରାଯିବ ଏବଂ ତାଙ୍କର ସ୍ୱାସ୍ଥ୍ୟ, ଖାଦ୍ୟ, ପାନୀୟ ଇତ୍ୟାଦି ଜିଲ୍ଲା ପଶୁଧନ ଅଧିକାରୀ ବ୍ୟବସ୍ଥା କରିବେ ।

## (ଖ) ସ୍ୱରେଜ୍ କାର୍ଯ୍ୟ :

ଚଳିତ ବର୍ଷ ରଥଯାତ୍ରା ସମୟରେ ଯେପରି କୌଣସି ମ୍ୟାନ୍‌ହୋଲ୍ ଚାୟରରୁ ମଇଳା ପାଣି ରୋଡ୍ ଉପରକୁ ନିର୍ଗତ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ବୈଠକରେ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟ ତଦାରଖ କରିବା ନିମନ୍ତେ ଆବଶ୍ୟକ କର୍ମଚାରୀ, ଯନ୍ତ୍ରୀ ମୁତୟନ କରିବେ । ଚଳିତ ବର୍ଷ ରଥଯାତ୍ରାରେ ଅସ୍ଥାୟୀ ଓ ଉଠା ପାଇଖାନାର ବ୍ୟବସ୍ଥା କରାଯାଉଛି । ଉକ୍ତ ପାଇଖାନା ଗୁଡିକ ସ୍ୱରେଜ୍ ପାଇପ୍ ଲାଇନ୍ ସଂଯୋଗ ନିମନ୍ତେ ପୌରନିର୍ବାହୀ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ସ୍ୱରେଜ୍ ଓ ଜନସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ । ରାସ୍ତାରେ ଦବି ଯାଇଥିବା ମ୍ୟାନ୍‌ହୋଲ୍ ଗୁୟରକୁ ତୁରନ୍ତ ସମତୁଲ କରିବେ । ପୁରୀ ସହରର ସମସ୍ତ ସାହି, ଗଳି ରାସ୍ତାକୁ ପ୍ରତ୍ୟେହ ସଫା କରାଯିବ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

*(କାର୍ଯ୍ୟାନୁଷ୍ଠାନ : ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ୍ ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ/ ଜାତୀୟ ରାଜପଥ ନିର୍ବାହୀ ଅଧିକାରୀ, ପୁରୀ ପୌର ପରିଷଦ)*

## ୧୦. ଶାନ୍ତି ଶୃଙ୍ଖଳା ରକ୍ଷା :

ବିଗତ ବର୍ଷଭଳି ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା , ନବଯୌବନ ଦର୍ଶନ, ଶ୍ରୀ ଗୁଣ୍ଡିଚା ଯାତ୍ରା, ସଂଧ୍ୟା ଦର୍ଶନ, ବାହୁଡା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ ଇତ୍ୟାଦି ମୁଖ୍ୟ ପର୍ବରେ ଆରକ୍ଷୀ ବନ୍ଦୋବସ୍ତ କରାଯାଉଥିବା ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଥିଲେ । ଶ୍ରୀ ଜୀଉଙ୍କର ତିନିଗୋଟି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ରହିଲା ପରେ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯିବ । ସମୁଦ୍ରତଟ ସୁରକ୍ଷା ନିମିତ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

ରଥଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ନିମ୍ନଲିଖିତ ବ୍ୟବସ୍ଥା ଗୁଡିକ ଗ୍ରହଣ କରାଯିବ ।

କ) ଶ୍ରୀ ମନ୍ଦିର ଓ ଶ୍ରୀ ଗୁଣ୍ଡିଚା ମନ୍ଦିରର ସୁରକ୍ଷା ନିମନ୍ତେ ଶ୍ରୀ ମନ୍ଦିର , ଗୁଣ୍ଡିଚା ମନ୍ଦିର ଏବଂ ବଡଦାଣ୍ଡରେ ଥିବା ସି.ସି. ଟିଭି କ୍ୟାମେରା ମାଧ୍ୟମରେ ଅପରାଧ ନିୟନ୍ତ୍ରଣ କରାଯିବ । ଆରକ୍ଷୀ ଅଧିକ୍ଷକ ଜଣାଇଥିଲେ ଯେ ବାତ୍ୟା ଫନିରେ କ୍ୟାମେରା ଗୁଡ଼ିକ ନଷ୍ଟ ହୋଇଛି ତାର ପୁନଃଦ୍ଧାର କାର୍ଯ୍ୟ ଚାଲୁ ରହିଛି ।

ଖ) ଯାତ୍ରୀ ମାନଙ୍କ ସୁରକ୍ଷା ବ୍ୟବସ୍ଥା, ଯାତ୍ରା ଦିନମାନଙ୍କରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ସଂକୀର୍ତ୍ତନ ଦଳକୁ ମରିଚି କୋଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ପ୍ରବେଶ ଅନୁମତି ଦିଆଯିବ ନାହିଁ ।

ଗ) ଶ୍ରୀ ମନ୍ଦିର ଚତୁଃପାର୍ଶ୍ୱରେ ଥିବା କେବିନ୍ ଓ ଉଠା ଦୋକାନୀ ମାନଙ୍କୁ ଉଚ୍ଛେଦ କରାଯାଇ ଅବରୋଧ ମୁକ୍ତ କରାଯିବ ଏବଂ ନକଲି ଜୋତା ଷ୍ଟାଣ୍ଡ, ମୋବାଇଲ ଷ୍ଟାଣ୍ଡ, ଯାନବାହନ ରଖିବା ଷ୍ଟାଣ୍ଡକୁ ଚେକ୍ କରିବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରାଯାଇଥିଲା ।

ଘ) କର୍ଡନ ପାଖରେ ଲୋକ ଜନସମାଗମ ହେଉଥିବାରୁ କୌଣସି ଅଘଟଣ/ ଦୁର୍ଘଟଣାକୁ ଏଡାଇବା ପାଇଁ ଜରୁରୀ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଦୋଳବେଦୀ ପର୍ଯ୍ୟନ୍ତ ଏକ ନିସ୍ତାର ପାଇବା ରାସ୍ତା **(escape route)** କରାଯିବ ।

ଙ) ଆରକ୍ଷୀ ଅଧିକ୍ଷକ ଜଣାଇଲେ ଯେ ଚଳିତବର୍ଷ ରଥଯାତ୍ରା ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ସହ ଉନ୍ନତ ପାର୍କିଂ ବ୍ୟବସ୍ଥା କରାଯିବ ।

ଚ) ଶବ ନେଇ ଯାଉଥିବା କୌଣସି ଗାଡି ବା ଆମ୍ବୁଲାନ୍ସ ସିଂହଦ୍ୱାର ଦେଇ ନେଇ ଯାଇପାରିବେ ନାହିଁ ଏବଂ ସେହି ଗାଡିଗୁଡିକ **V.I.P** ରୋଡ ଦେଇ ସ୍ୱର୍ଗଦ୍ୱାର ଯିବେ ।

(ଛ) ରଥଯାତ୍ରା, ସୁନାବେଶ ସମୟରେ ଆସୁଥିବା **V.I.P** ଗାଡି ଗୁଡିକର ପାର୍କିଂ ପାଇଁ ସୁବ୍ୟବସ୍ଥା କରିବା ନିମନ୍ତେ ଆରକ୍ଷୀ ଅଧିକ୍ଷକଙ୍କୁ ପରାମର୍ଶ ଦିଆଯାଇଥିଲା ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/*
*ନିର୍ବାହୀ ଅଧିକାରୀ ପୁରୀ ପୌରସଂସ୍ଥା)*

## ୧୧. ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ :

- ରଥଯାତ୍ରା ସମୟରେ ଯାତ୍ରୀ ମାନଙ୍କୁ ଓ ସହରର ଖାଉଟି ମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଦ୍ରବ୍ୟ ମହଜୁଦ୍ ରଖି ସୁବଣ୍ଟନ ବ୍ୟବସ୍ଥାର ତଦାରଖ କରିବା ନିମନ୍ତେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା ।
- ସମସ୍ତ ପେଟ୍ରୋଲ୍ ପମ୍ପଗୁଡିକ ଯାତ୍ରା ଦିବସମାନଙ୍କରେ ଅହୋରାତ୍ର ଖୋଲାରହିବ ଏବଂ ସେଠାରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ପ୍ରୋତ୍ସାହିତ କରାଯିବ ଏବଂ ଅପମିଶ୍ରଣ ନିରାକରଣ ନିମନ୍ତେ ବ୍ୟବସ୍ଥା କରାଯିବ ।
- କିରୋସିନ୍‌ରେ ଚାଲୁଥିବା ଗାଡ଼ିଗୁଡିକୁ ଯାଞ୍ଚ କରି ଜବତ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ।
- ପ୍ରବର୍ତ୍ତନ ଦଳ **(Enforcement Squad)** ଗଠନ କରି ଦରଦାମ୍ ବୃଦ୍ଧି ରୋକିବା ସହ ଅପମିଶ୍ରଣ ନିରାକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବୈଠକରେ ଜିଲ୍ଲାଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ/ ଆଞ୍ଚଳିକ ପରିବହନ ଅଧିକାରୀ, ପୁରୀ)*

(ଖ) ଜାଳେଣୀ କାଠ:- ଓଡ଼ିଶା ବନବିଭାଗ ତରଫରୁ ପୁରୀ ସହରରେ ଜାଳେଣୀକାଠ ଓ ସ୍ୱର୍ଗଦ୍ୱାର ନିମନ୍ତେ ଯଥେଷ୍ଟ ପରିମାଣର କାଠ ମହଜୁଦ୍ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

*(କାର୍ଯ୍ୟାନୁଷ୍ଠାନ: ଜିଲ୍ଲା ଡିଭିଜିନାଲ ମ୍ୟାନେଜର, ବନବିଭାଗ, ପୁରୀ)*

## ୧୨. ଟେଲିଫୋନ୍ ସେବା

ଚଳିତ ବର୍ଷ ରଥଯାତ୍ରାକୁ ଅତ୍ୟଧିକ ଯାତ୍ରୀଙ୍କର ସମାଗମକୁ ଦୃଷ୍ଟିରେ ରଖି ଉତ୍ତମ ତାର ସେବା ଯୋଗାଇ ଦେବା ନିମନ୍ତେ ବଡଦାଣ୍ଡରେ ନୂତନ ଟାୱାର ବସାଯାଇଛି ଆଉ ନେଟ୍‌ୱର୍କ ଅସୁବିଧା ହେବ ନାହିଁ ବୋଲି ଟେଲିଫୋନ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ରଥଯାତ୍ରା ସମୟରେ ମୋବାଇଲ ଟେଲିଫୋନ୍‌ର ବିନା ବାଧା କାର୍ଯ୍ୟକ୍ଷମ ନିମନ୍ତେ ପଦକ୍ଷେପ ନେବେ ଏବଂ **Wi-fi, COW (Cell on wheel)**ର ବ୍ୟବସ୍ଥା କରିବାକୁ ବୈଠକରେ ସ୍ଥିର କରାଗଲା ଏବଂ ଅନ୍ୟସଂସ୍ଥା ମାନଙ୍କୁ ମଧ ନେଟ୍‌ୱାର୍କ ସଂପ୍ରସାରଣ ପାଇଁ ଅନୁମତି ଦିଆଯିବ ।

*(କାର୍ଯ୍ୟାନୁଷ୍ଠାନ : ଡିଭିଜନାଲ୍ ମ୍ୟାନେଜର, ଦୂରଭାଷ)*

## ୧୩. (କ) ସୂଚନା ଓ ପ୍ରସାର ବ୍ୟବସ୍ଥା:-

- ରଥଯାତ୍ରା ସମୟରେ ସୂଚନା ଓ ଲୋକ ସଂପର୍କ ବିଭାଗ ଓ ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର ବିଭାଗ ତରଫରୁ ସଂପୃକ୍ତ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବେ ।
- ଭୁବନେଶ୍ୱର ଦୂରଦର୍ଶନ ସଂସ୍ଥା ଓ କଟକ ଆକାଶବାଣୀ ସଂସ୍ଥା ଦ୍ୱାରା ଚଳିତ ବର୍ଷ ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ବ୍ୟବସ୍ଥା କରାଯାଉଛି ।
- ଅନ୍ୟାନ୍ୟ ଗଣମାଧମରେ ସୂଚନା ପ୍ରସାରଣ ସେବା ଯୋଗାଇ ଦିଆଯିବା ସମ୍ବନ୍ଧରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୧୧ ଗୋଟି ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନର ବ୍ୟବସ୍ଥା କରାଯିବା ସହିତ ପାର୍କିଂସ୍ଥାନ, ଆଶ୍ରୟସ୍ଥଳି ଇତ୍ୟାଦି ପ୍ରମୁଖ ସ୍ଥାନରେ ସୂଚନା କେନ୍ଦ୍ର ଖୋଲାଯିବ ।
- ଯାତ୍ରୀମାନଙ୍କର ମନୋରଞ୍ଜନ ନିମନ୍ତେ ପ୍ରତ୍ୟେକ ସନ୍ଧ୍ୟାରେ ସମସ୍ତ ସୂଚନା କେନ୍ଦ୍ରରେ ପାଲା, ଦାଶକାଠିଆ, ଘୋଡାନାଚ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ପର୍ଯ୍ୟବେକ୍ଷଣ, ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯିବ ।
- ଉତ୍କଳ ପ୍ରସଙ୍ଗ / ଓଡ଼ିଶା ରିଭ୍ୟୁ / ଜଗନ୍ନାଥ ଜଣାଣ ଓ ଓଡ଼ିଶା ରେଫରେନ୍ସ ଆନୁଆଲ ପୁସ୍ତକ ବିକ୍ରୟ ଏବଂ ରଥଯାତ୍ରା ଗାଇଡ୍ ବୁକ୍ ଓ ଲିଫ୍‌ଲେଟ୍ ମାଗଣାରେ ବଣ୍ଟନର ବ୍ୟବସ୍ଥା କରାଯିବ ।
- ଭଜନ ଓ ପ୍ରବଚନ ପରିବେଷଣର ବ୍ୟବସ୍ଥା କରାଯିବ ।

- ଏତଦ୍‌ବ୍ୟତୀତ ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ସିଧାପ୍ରସାରଣ ନିମିତ୍ତ ସଂସ୍ଥାଗୁଡିକ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଧିନରେ ଦରଖାସ୍ତ କରିବେ ।
- ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରାର ସିଧାପ୍ରସାରଣ ଧାରାବିବରଣୀ ଇତ୍ୟାଦି ନିମିତ୍ତ ବିଭିନ୍ନ ଟିଭି ଚ୍ୟାନେଲମାନଙ୍କୁ ନେଇ ଏକ ବୈଠକ କରାଯିବ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉକ୍ତ ବୈଠକ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ଏବଂ କେଉଁ ଜାଗାରେ କେଉଁ ସଂସ୍ଥା ରହି କାର୍ଯ୍ୟ କରିବେ ତାହା ଉକ୍ତ ବୈଠକରେ ସ୍ଥିର କରାଯିବ । **OB Van** ରହିବା ଯାଗା ମଧ୍ୟ ସ୍ଥିର କରାଯିବ ।

## (ଖ) ପର୍ଯ୍ୟଟନ :

ଚଳିତ ବର୍ଷ ରଥଯାତ୍ରା ସମୟରେ ବୀରହରେକୃଷ୍ଣପୁର, ଶରଧାବାଲି ଓ ତାଳବଣିଆ, ରେଳଷ୍ଟେସନ, ମହୋଦଧିମାର୍କେଟ, ପାନ୍ଥନିବାସ ଠାରେ ପର୍ଯ୍ୟଟନ ବିଭାଗ ତରଫରୁ ୫ଗୋଟି ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ **O.T.D.C.** ତରଫରୁ **Special Package Tour Bus** ସମ୍ବଲପୁର ଓ ଭୁବନେଶ୍ୱରରୁ କୋଣାର୍କ- ପୁରୀ ପର୍ଯ୍ୟନ୍ତ ଯାତାୟତ କରିବ । ୩୦୦ ଲାଇଫ୍ ଗାର୍ଡଙ୍କୁ ପୋଷାକ ଯୋଗାଇ ଦିଆଯାଇ ସମୁଦ୍ରକୂଳ ଅଞ୍ଚଳରେ ମୁତୟନ କରାଯିବ । ବିଚ୍ ଉନ୍ନୟନ କମିଟି ତରଫରୁ **୧୦୦**ଜଣ ଲାଇଫ୍ ଗାର୍ଡଙ୍କୁ ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶ ଦିବସରେ ମୁତୟନ କରାଯିବ । ରଥଯାତ୍ରା ସମୟରେ ପର୍ଯ୍ୟଟକ ତଥା ଭକ୍ତମାନଙ୍କୁ ସୌହାଦ୍ୟପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ ପୋଲିସ୍ ଅଧିକାରୀ, ଲାଇଫ୍‌ଗାର୍ଡ, ଫଟୋଗ୍ରାଫର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତଥା ସ୍ୱେଚ୍ଛାସେବୀମାନଙ୍କୁ ହସ୍ପିଟାଲିଟି ଟ୍ରେନିଂ ପ୍ରଦାନ ପାଇଁ ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ, ପୁରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମାଳତୀପାଟପୁର ବସଷ୍ଟାଣ୍ଡ, ଅଠରନଳା,ମଙ୍ଗଳାଘାଟ ଓ ବାଲିଘାଟ ଇତ୍ୟାଦି ସ୍ଥାନରେ **Statistical Survey** କରାଯିବାର ବ୍ୟବସ୍ଥା ହେଉଛି ।

*(ଜିଲ୍ଲା ପର୍ଯ୍ୟଟନ ଅଧିକାରୀ/ ସଂସ୍କୃତି ଅଧିକାରୀ/
ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ପୁରୀ)*

## ୧୪. ପ୍ରଦର୍ଶନୀ:

ପ୍ରତିବର୍ଷ ପରି ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଭୋଳାନାଥ ବିଦ୍ୟାପୀଠ ପ୍ରାଙ୍ଗଣରେ ଓ.ର.ମା.ସ. ତରଫରୁ ରାଜ୍ୟ ତଥା ରାଜ୍ୟ ବାହାର କ୍ଷୁଦ୍ରଶିଳ୍ପ ଅନୁଷ୍ଠାନଙ୍କ ତରଫରୁ ପ୍ରଦର୍ଶନର ମଣ୍ଡପ ଖୋଲାଯିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲାଏବଂ ଏହା ରାତ୍ର **୧୧**ଘଟିକା ପର୍ଯ୍ୟନ୍ତ ଜାରି ରହିବ । ପ୍ରଦର୍ଶନୀ ପଡ଼ିଆରେ ମହିଳା ଶୌଚାଳୟ ଖୋଲିବା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ମେଳା ସମାପ୍ତିପରେ ବିଦ୍ୟାଳୟକୁ ସଫା କରିବା ଦାୟିତ୍ୱ ଓରମାସ ବହନ କରିବେ ।

ଦିବବାରେଣୀ ଛକରୁ କୋକୋପାମ୍ ପର୍ଯ୍ୟନ୍ତ କୌଣସି ପ୍ରଦର୍ଶନୀ ପଡିବା ପାଇଁ ଅନୁମତି ନ ଦେବା ଲାଗି ପୌରସଂସ୍ଥା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

*(କାର୍ଯ୍ୟାନୁଷ୍ଠାନ: ସଚିବ ଗଣଶିକ୍ଷା ବିଭାଗ ଭୁବନେଶ୍ୱର/
ନିର୍ବାହୀ ନିର୍ଦ୍ଦେଶକ ଓରମାସ ଭୁବନେଶ୍ୱର, ସଂସ୍ଥା ପୁରୀ/
ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା / ଜିଲ୍ଲା ଶିଳ୍ପ କେନ୍ଦ୍ର, ପୁରୀ/ ଡି.ଏସ୍.ଏମ୍.ଏସ୍., ପୁରୀ)*

## ୧୫. (କ) ସ୍ୱେଚ୍ଛାସେବା କାର୍ଯ୍ୟ:

ପୂର୍ବ ବର୍ଷ ପରି ଚଳିତ ବର୍ଷ ଯାତ୍ରା ଦିନମାନଙ୍କରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରିବା ଓ ଯାତ୍ରୀମାନଙ୍କୁ ନିରାପତ୍ତା ଯୋଗାଇଦେବା ସହିତ ମନ୍ଦିର ପରିଷ୍କାର, ସହର ପରିମଳ, ଯାତ୍ରୀ ସୁରକ୍ଷା, ସମୁଦ୍ର ତଟ ପରିଷ୍କାର, ଯାତ୍ରୀମାନଙ୍କୁ ପାନୀୟ ଜଳ ଯୋଗାଣ ଓ ଦୁର୍ଘଟଣାଗ୍ରସ୍ତ ଯାତ୍ରୀମାନଙ୍କୁ ସେବା ଶୁଶ୍ରୂଷା କରିବା ନିମିତ୍ତ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯିବ । ରଥଯାତ୍ରା ସମୟରେ କ୍ଷମତାପ୍ରାପ୍ତ ସ୍ୱେଚ୍ଛାସେବୀ ସଂସ୍ଥାମାନେ କେଉଁ ସ୍ୱେଚ୍ଛାସେବା କାର୍ଯ୍ୟ କେଉଁ ସ୍ଥାନରେ କରିବେ ତତ୍‌ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକ ପରେ ସଂପୃକ୍ତ ନୋଡାଲ ଅଫିସରମାନେ ସେମାନଙ୍କ ସ୍ତରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ସହ ବୈଠକ କରି ସ୍ୱେଚ୍ଛାସେବା ବ୍ୟବସ୍ଥା ଚୂଡାନ୍ତ କରି ଜିଲ୍ଲାପାଳଙ୍କୁ ଜଣାଇବେ । ସମସ୍ତ ଅନୁଷ୍ଠାନ ନୋଡାଲ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ କରିବେ ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/ ନିର୍ବାହୀ ଅଧିକାରୀ, ପୁରୀପୌରସଂସ୍ଥା, ପୁରୀ/ ନିର୍ବାହୀଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ/* **RWSS**, *ପୁରୀ/ ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ/ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପୁରୀ/ ଡି.ପି.ସି., ପୁରୀ)*

## (ଖ) ବଡ଼ଦାଣ୍ଡରୁ ବୁଲା ଗାଇ ଗୋରୁ ଷଣ୍ଢ ଅପସାରଣ:

ଚଳିତ ବର୍ଷ ରଥଯାତ୍ରା ସମୟରେ ଯାତ୍ରୀଙ୍କ ଅପସାରଣ ସୁରକ୍ଷା ନିମନ୍ତେ ବଡ଼ଦାଣ୍ଡରେ ବୁଲୁଥିବା ଗାଇଗୋରୁ ଷଣ୍ଢକୁ ଅପସାରଣ କରି କାଞ୍ଜିଆହୁଦାରେ ଅଟକ ରଖିବା କାର୍ଯ୍ୟ ପୁରୀ ପୌରସଂସ୍ଥାଙ୍କୁ ବୈଠକରେ ନ୍ୟସ୍ତ କରାଗଲା । ସେମାନଙ୍କର ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟପନ୍ଥା ଜିଲ୍ଲା ପଶୁଧନ ଅଧିକାରି ତୁଲାଇବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା । ଏ ସଂକ୍ରାନ୍ତରେ ପଶୁଧନ ଅଧିକାରୀ ଏକ **Contigent Plan** କରି ରାଜ୍ୟ ସରକାରଙ୍କ ମଞ୍ଜୁର ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ । କାଞ୍ଜିଆହୁଦାରେ ବର୍ଷାପାଣି ନପଡିବା ପାଇଁ ବ୍ୟବସ୍ଥା କରାଯିବ । କୌଣସି ଗୋଟିଏ ଗୋରୁଙ୍କର ମୃତ୍ୟୁ ହେଲେ ସି.ଡି.ଭି.ଓ. ଉତ୍ତରଦାୟୀ ରହିବେ ।

*(କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଅଧିକାରୀ, ପୁରୀ/ ପୌରସଂସ୍ଥା, ପୁରୀ/ ଜିଲ୍ଲା ପଶୁଧନ ଅଧିକାରୀ)*

## (ଗ) ଅସୁରକ୍ଷିତ କୋଠା ଚିହ୍ନଟ:

ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ସମସ୍ତ କୋଠାଘରର ଛାତ ଗୁଡିକୁ ଆରକ୍ଷୀ ଅଧିକ୍ଷକ, ପୁରୀ, ଉପଜିଲ୍ଲାପାଳ, ପୁରୀ ନିର୍ବାହୀ ଅଧିକାରୀ, ପୁରୀ, ପୌରସଂସ୍ଥା, ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ତହସିଲଦାର, ପୁରୀ ମିଳିତ ଭାବେ ଯାଞ୍ଚ କରିବେ ଏବଂ ଆବଶ୍ୟକ ସ୍ଥଳେ ଅସୁରକ୍ଷିତ କୋଠା ଗୁଡିକୁ ଭାଙ୍ଗିବା ଏବଂ ସିଲ୍ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ସ୍ଥିର କରାଗଲା ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/*

*ଉପଜିଲ୍ଲାପାଳ, ପୁରୀ/ ନିର୍ବାହୀ ଅଧିକାରୀ, ପୌରସଂସ୍ଥା/*

*ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ /ତହସିଲଦାର, ପୁରୀ)*

**୧୬. ଅନ୍ୟାନ୍ୟ:**

(କ) ଚଳିତ ବର୍ଷ ରଥଯାତ୍ରା ସମୟରେ ଯାତ୍ରୀମାନଙ୍କୁ ବ୍ୟାଙ୍କସେବା ଯୋଗାଇବା ତଥା ଏ.ଟି.ଏମ୍. କାଉଣ୍ଟର ଗୁଡିକର ସୁବିଧା ଉପଲବ୍ଧ ହେବା ନିମନ୍ତେ ଲିଡ୍ ବ୍ୟାଙ୍କ ମ୍ୟାନେଜର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ସ୍ଥିର କରାଗଲା ଏବଂ ସମସ୍ତ ଏ.ଟି.ଏମ୍. ସଚଳ ନିମେନ୍ତ ପଦକ୍ଷେପ ଗ୍ରହଣ କରିବେ ।

(ଖ) ରଥଯାତ୍ରା ସମୟରେ ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସମସ୍ତ ସଂପୃକ୍ତ ବିଭାଗ ନିଜର ଆକସ୍ମିକ ବିପତ୍ତି ପରିଚାଳନା ଯୋଜନା **(Disaster Management Plan)** ପ୍ରସ୍ତୁତ କରିବେ ଏବଂ ୩ୟ ସମନ୍ୱୟ ବୈଠକ ପୂର୍ବରୁ **Mock drill** କରିବା ପାଇଁ ଜିଲ୍ଲା ଆପଦକାଳୀନ ବିଭାଗ ଅଧିକାରୀ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ।

(ଗ) ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଆଦି ଯାତ୍ରା ଦିବସ ଉପଲକ୍ଷେ ପୁରୀ ସହର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଦ ଦୋକାନ ଗୁଡିକୁ ପୂର୍ବବର୍ଷ ମାନଙ୍କ ପରି ବନ୍ଦ ରଖିବା ପାଇଁ ଅବକାରୀ ଅଧିକ୍ଷକ, ପୁରୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିଶା ଦ୍ରବ୍ୟ ବିକ୍ରୟକୁ ନିଷିଦ୍ଧ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଗଲା ।

(ଘ) ପୁରୀ ସହରରେ ଥିବା ବରଫ ଫ୍ୟାକ୍ଟ୍ରି ଗୁଡିକରୁ ଆମୋନିଆଗ୍ୟାସ୍ ନିର୍ଗମିତ ସମ୍ବନ୍ଧେ ସଂପୃକ୍ତ ଅଧିକାରୀ ପ୍ରମାଣ ପତ୍ର ଦାଖଲ କରିବେ ।

(ଙ) ରଥଯାତ୍ରା ନିମନ୍ତେ ଆବଶ୍ୟକୀୟ ଅଗ୍ନିଶମ ଗାଡି ବିଭିନ୍ନ ସ୍ଥାନରେ ମୁତୟନ କରାଯିବ । ତୀର୍ଥ ପୁଷ୍କରିଣୀ ସମୁଦ୍ରକୂଳ ନିକଟରେ ଉଦ୍ଧାର କାର୍ଯ୍ୟ ପାଇଁ ଉଦ୍ଧାରକାରୀ ଦଳ, ଲାଇଫ୍ ଗାର୍ଡ ମୁତୟନ କରାଯିବ । ପ୍ରଚଣ୍ଡ ରୌଦ୍ର ତାପରୁ ଯାତ୍ରୀମାନଙ୍କ ରକ୍ଷାନିମିତ୍ତ ଥଣ୍ଡାଜଳ ସିଞ୍ଚନର ବ୍ୟବସ୍ଥା କରାଯିବ ।

(ଡ) ସମସ୍ତ ବିଭାଗୀୟ ଅଧିକାରୀ ରଥଯାତ୍ରା ସମୟରେ ନିଜ ନିଜ ପ୍ରକୋଷ୍ଠରେ **Control Room** କରିବେ ଏବଂ ଟାଉନ୍ ଥାନା **Integreted Control Room** ରେ ନିଜ ବିଭାଗୀୟ ବ୍ୟକ୍ତି ବିଶେଷଙ୍କୁ ଅବସ୍ଥାପିତ କରିବେ । ଏହି **Control Room** ଦିବାରାତ୍ର କାର୍ଯ୍ୟକରିବ ।

(ଚ) ବଡ଼ଦାଣ୍ଡରୁ ପୋଡା ଦୀପ, ଛିଣ୍ଡାଚପଲ ଇତ୍ୟାଦିକୁ ତୁରନ୍ତ ସଫାକରିବା ନିମନ୍ତେ ନିର୍ବାହୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

*(କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/*

*ନିର୍ବାହୀ ଅଧିକାରୀ/ ପୁରୀ ପୌରସଂସ୍ଥା/*

*ଲିଡ୍ ବ୍ୟାଙ୍କ ମ୍ୟାନେଜର/ ଅବକାରୀ ଅଧିକ୍ଷକ, ପୁରୀ)*

ପରିଶେଷରେ ରଥଯାତ୍ରାକୁ ସୁଚାରୁରୂପେ ଓ ଶୃଙ୍ଖଳିତ ଭାବେ ସମାପନ କରିବା ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ସମସ୍ତଙ୍କ ସହଯୋଗ କାମନା କରିବା ସହ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

**।। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ।।**

ଜ୍ଞାପକ ସଂଖ୍ୟା ...୪୨୬...../ସାଓବି. ତା...୫-୬-୨୦୧୨...

ଏହାର ଏକକିତା ନକଲ ସଚିବ, ରାଜ୍ୟସରକାରଙ୍କ ବିଧି ବିଭାଗ/ ରାଜସ୍ୱ ବିଭାଗ/ ଘରୋଇ ବିଭାଗ/ ଅର୍ଥ ବିଭାଗ/ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ / ଗୃହ ଓ ନଗର ଉନ୍ନୟନ ବିଭାଗ/ ନିର୍ମାଣ ବିଭାଗ/ସଚିବ, ଖାଦ୍ୟ ଓ ଯୋଗାଣ ବିଭାଗ/ ଜଙ୍ଗଲ ଓ ପରିବେଶ ବିଭାଗ/ ଶକ୍ତି ବିଭାଗ/ ପରିବହନ ବିଭାଗ/ ସଚିବ, ସୂଚନା ଓ ଲୋକସଂପର୍କ ବିଭାଗ/ ସାଂସ୍କୃତିକ ବିଭାଗ/ ସଚିବ, ପର୍ଯ୍ୟଟନ ବିଭାଗଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ...୪୨୭...../ସାଓବି. ତା...୫-୬-୨୦୧୨...

ଏହାର ଏକକିତା ନକଲ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ/ ସଚିବ ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ/ ଆରକ୍ଷୀ ମହାନିରୀକ୍ଷକ, ଓଡ଼ିଶା/ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା, ଭୁବନେଶ୍ୱର/ ନିର୍ଦ୍ଦେଶକ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ...୪୨୪...../ସାଓବି. ତା...୫-୬-୨୦୧୨...

ଏହାର ଏକକିତା ନକଲ ଚେୟାରମ୍ୟାନ, ଗ୍ରୀଡକୋ, ଭୁବନେଶ୍ୱର / ମୁଖ୍ୟ ନିର୍ବାହୀ ଅଧିକାରୀ, ସେସ୍‌କୋ, ଭୁବନେଶ୍ୱର/ ମହାଡାକପାଳ, ଓଡ଼ିଶା, ଭୁବନେଶ୍ୱର/ କମିଶନର, ରେଲୱେ କୋଡିନେସନ୍, ଭୁବନେଶ୍ୱର/ ପରିବହନ କମିଶନର, କଟକ/ ନିର୍ଦ୍ଦେଶକ, ପର୍ଯ୍ୟଟନ ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର/ ମୁଖ୍ୟଯନ୍ତ୍ରୀ, ଜନସ୍ୱାସ୍ଥ୍ୟ, ଓଡ଼ିଶା, ଭୁବନେଶ୍ୱର/ ମୁଖ୍ୟ ବନନିରୀକ୍ଷକ, ଓଡ଼ିଶା, ଭୁବନେଶ୍ୱର/ ସିନିୟର ଜେନେରାଲ ମ୍ୟାନେଜର, ସେଣ୍ଟ୍ରାଲ ଡିଷ୍ଟ୍ରିବ୍ୟୁସନ, ଗ୍ରୀଡ୍‌କୋ, ଭୁବନେଶ୍ୱର/ ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ, ପଞ୍ଚାୟତିରାଜ ବିଭାଗ, ଓଡ଼ିଶା/ ନିର୍ଦ୍ଦେଶକ, ଦୂରଦର୍ଶନ/ ଆୟୁକ୍ତ ତଥା ସଚିବ ପର୍ଯ୍ୟଟନ ଓ ସାଂସ୍କୃତିକ ବିଭାଗ/ ନିର୍ଦ୍ଦେଶକ, ଆକାଶବାଣୀ, କଟକ/ ଏଣ୍ଡାମେଣ୍ଟ କମିଶନର, ଭୁବନେଶ୍ୱର/ ମେୟର ସେକ୍ରେଟାରୀ, ଓ.ଡବ୍ଲୁ.ଏସ୍.ଏସ୍.ବି./ Dy. Commission, ST. John Ambulance/ Project Director, NHAI, Odisha / Executive Director, ଓଡ଼ିଶା Rural ଡେଭେଲପମେଣ୍ଟ ମାର୍କେଟିଂ ସୋସାଇଟି, ଭୁବନେଶ୍ୱର/ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ସଡ଼କ ପରିବହନ ନିଗମ, କଟକ/ ଜିଲ୍ଲାପାଳ, ନୟାଗଡ଼/ ଅଗ୍ନିଶମ ଅଧିକାରୀ, କଟକ/ ମ୍ୟାନେଜିଂ ଡାଇରେକ୍ଟର, ସେସ୍‌କୋ, ଭୁବନେଶ୍ୱର/ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ, ଭୁବନେଶ୍ୱର/ ଡିଭିଜିନାଲ ମ୍ୟାନେଜର, ଦକ୍ଷିଣପୂର୍ବ ରେଳପଥ, ଖୋର୍ଦ୍ଧା/ ଅଧିକ୍ଷକ, ପ୍ରତ୍ନତତ୍ତ୍ୱ ବିଭାଗ, ଭୁବନେଶ୍ୱର/ ଉପଖଣ୍ଡ ଅଧିକାରୀ ଖୋର୍ଦ୍ଧା/ ନୟାଗଡ଼ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ..........୪୨୯............../ ସାଓବି. ତା ..୫.୬.୨୦୧୯..........

ଏହାର ଏକକିତା ନକଲ ଶ୍ରୀ ଶ୍ରୀ ଗଜପତି ମହାରାଜ, ପୁରୀ / ମୁଖ୍ୟ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ, ଆରକ୍ଷୀ ଅଧିକ୍ଷକ, ପୁରୀ / ପ୍ରୋଜେକ୍ଟ ଡାଇରେକ୍ଟର, ଡି.ଆର୍.ଡି.ଏ., ପୁରୀ/ ଏକ୍‌ଜିକ୍ୟୁଟିଭ୍ ଅଫିସର, ପୁରୀ ମ୍ୟୁନିସିପାଲିଟି, ପୁରୀ/ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ/ ପ୍ରଶାସକ (ନୀତି), ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ / ଉପ-ଜିଲ୍ଲାପାଳ, ପୁରୀ/ ଉପଖଣ୍ଡ ବନ ଅଧିକାରୀ (ବନ୍ୟଜନ୍ତୁ), ପୁରୀ/ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୁରୀ/ ମାଜିଷ୍ଟ୍ରେଟ-ଇନ୍-ଚାର୍ଜ, ଲଜିଂ ହାଉସ୍ ଫଣ୍ଡ, ପୁରୀ/ ଅବକାରୀ ଅଧିକ୍ଷକ, ପୁରୀ/ ତହସିଲଦାର, ପୁରୀ/ ମ୍ୟାନେଜର ଲିଡ୍ ବ୍ୟାଙ୍କ୍, ପୁରୀ/ ସ୍ୱାସ୍ଥ୍ୟ ଅଧିକାରୀ, ପୁରୀ ମ୍ୟୁନିସିପାଲଟି/ ଡି.ପି.ସି. ସର୍ବଶିକ୍ଷା ଅଭିଯାନ, ପୁରୀ/ ପର୍ଯ୍ୟଟନ ଅଧିକାରୀ, ପୁରୀ / ସଂସ୍କୃତି ଅଧିକାରୀ, ପୁରୀ / ପରିବହନ ଅଧିକାରୀ, ପୁରୀ/ ଜେନେରାଲ ମ୍ୟାନେଜର ଡି.ଆଇ.ସି., ପୁରୀ/ ସି.ଡି.ଏମ୍.ଓ., ପୁରୀ / ସହକାରୀ ଅଗ୍ନିଶମ ବିଭାଗ, ପୁରୀ / ସି.ଏସ୍.ଓ., ପୁରୀ/ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, ପୁରୀ/ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ/ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ୍ / ନିର୍ବାହୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ, ପୁରୀ /ନିର୍ବାହୀ ଯନ୍ତ୍ରୀ ଗ୍ରାମାଞ୍ଚଳ ପାନୀୟଜଳ ଯୋଗାଣ ଓ ପରିମଳ, ପୁରୀ/ ସିନିୟର ସୁପରିଟେଣ୍ଡେଣ୍ଟ ପୋଷ୍ଟ ଅଫିସ୍, ପୁରୀ / ଷ୍ଟେସନ ମ୍ୟାନେଜର, ପୁରୀ/ ରେଲୱେ, ପୁରୀ / ଉପଖଣ୍ଡ ଅଧିକାରୀ, ଜି.ଇ.ଡି., ପୁରୀ / ଉପଖଣ୍ଡ ଅଧିକାରୀ, ଟେଲିଫୋନ୍, ପୁରୀ/ ଡିଭିଜିଓନାଲ ଟେଲିକମ୍ ଇଞ୍ଜିନିୟର, ପୁରୀ /ନିର୍ବାହୀ ଯନ୍ତ୍ରୀ, ସେସୁ, ପୁରୀ / ସଭାପତି ହୋଟେଲ ଆସୋସିଏସନ୍, ପୁରୀ / କମିଶନର, ସ୍କାଉଟ୍ ଓ ଗାଇଡ୍, ପୁରୀ/କମାଣ୍ଡାଣ୍ଟ, ଏନ୍.ସି.ସି.,ପୁରୀ/ ପୋଗ୍ରାମ ଇଞ୍ଜିନିୟର, ଆକାଶବାଣୀ, ପୁରୀ/ଆସିଷ୍ଟାଣ୍ଟ ଇଞ୍ଜିନିୟର, ଦୂରଦର୍ଶନ, ପୁରୀ/ ସୁପରିଟେଣ୍ଡେଣ୍ଟ, ଟି.ବି. ଓ ଆଇ.ଡି. ହସପିଟାଲ, ପୁରୀ/ସେକ୍ରେଟାରୀ, ପି.କେ.ଡି.ଏ. / ମୁଖ୍ୟ ଅଧିକାରୀ, ଡି.ଏସ୍.ଏମ୍.ଏସ୍, ପୁରୀ /କ୍ଷେତ୍ରପ୍ରଚାର ଅଧିକାରୀ, ପୁରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

ଜ୍ଞାପକ ସଂଖ୍ୟା ......୪୩୦......./ ସାଓବି. ତା ..୫.୬.୨୦୧୯..

ଏହାର ଏକକିତା ନକଲ ଡିଷ୍ଟ୍ରିକ୍ ଇନଫରମାଟିକ୍ ଅଫିସର, ଏନ୍.ଆଇ.ସି., ପୁରୀଙ୍କୁ ପ୍ରେରଣ କରାଯାଇ ୱେବସାଇଟରେ ପରିବେଷଣ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ପୁରୀ